# ପର୍ଯ୍ୟଟନକ୍ଷେତ୍ରକୁ ପ୍ଲାଷ୍ଟିକମୁକ୍ତ ପାଇଁ ପ୍ରୟାସ

## ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟର ବୈଠକ

ଦାରିଙ୍ଗବାଡ଼ି, ୨୦।୩ (ଅରୁଣ ସାହୁ)



ଦାରିଙ୍ଗବାଡ଼ି ବ୍ଲକ୍ ସଭାଗୃହରେ ଶୁକ୍ରବାର ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟର ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ ଅଧ୍ୟକ୍ଷତା କରିଥିଲେ। ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯିବା ସହ ସ୍ଥାନୀୟ ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ଏହାର ପରିଚାଳନା ପାଇଁ ସରକାର ନିଯୁକ୍ତି ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା। ଏବେ ହିଲଭିୟୁ ପାର୍କ ସମେତ କଫି ବଗିଚାକୁ ଟ୍ରଷ୍ଟ ପରିଚାଳନା କରୁଥିବା ବେଳେ ଏହି ୨ ପର୍ଯ୍ୟଟନକ୍ଷେତ୍ର ସମେତ ଡୁଲୁରୀ, ମିଡିୟୁାନ୍ଦା ଜଳପ୍ରପାତ, ଲଭର୍ସପଏଣ୍ଟ ଆଦିକୁ ସରକାରଙ୍କ ଦ୍ୱାରା କର୍ମଚାରୀ ନିୟୋଜିତ କରାଯିବ ବୋଲି ଅଧ୍ୟକ୍ଷା ସୂଚନା ଦେଇଥିଲେ। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ଅଧୀନରେ ରହିଥିବା ଦୋକାନ ଗୃହର ଭଡ଼ା ବୃଦ୍ଧି ନିଷ୍ପତ୍ତି ସହ ଜିଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀଙ୍କୁ ଟ୍ରଷ୍ଟରେ ସାମିଲ କରିବା ସହ ୨୦୨୨ ଆର୍ଥିକ ବର୍ଷଠାରୁ ଏ ପର୍ଯ୍ୟନ୍ତ ଅଡିଟ କରାଇବା ଓ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ସମସ୍ତ ପର୍ଯ୍ୟଟନକ୍ଷେତ୍ରକୁ ପ୍ଲାଷ୍ଟିକମୁକ୍ତ କରି ସଫେଇକୁ ଗୁରୁତ୍ୱାରୋପ କରାଯାଇ ଡମ୍ପିୟାର୍ଡର ଠିକ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତି ଗାଁରେ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ପ୍ରଦାନ, ବ୍ରାହ୍ମଣୀଗାଁ ଏବଂ ଦାରିଙ୍ଗବାଡ଼ିରେ ମୋବାଇଲ ସେବା ସ୍ଥାପନ କରାଇବା ଏବଂ ସ୍ଥାନୀୟ ବଜାରରେ ରହିଥିବା ଖାଲି ସ୍ଥାନ ଗୁଡ଼ିକରେ ୱାଲପେଣ୍ଟିଂରେ ଜନଜାତିଙ୍କ ପାରମ୍ପରିକ ଚଳଣି, ବାଦ୍ୟଯନ୍ତ୍ର ଆଦି ସ୍ଥାନ ଦେବାକୁ ଆଲୋଚନା ହୋଇଛି। ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରାଙ୍କୁ ଯୋଗାଯୋଗ କରାଯାଇ ବର୍ଜ୍ୟବସ୍ତୁଗୁଡ଼ିକୁ ସ୍ଥାନୀୟ ସରକାରୀ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଉପକରଣ ପ୍ରସ୍ତୁତି କରି ଛକଗୁଡ଼ିକରେ ବ୍ୟବହାର କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି। ବୈଠକରେ ଉପଜିଲାପାଳ, ବିଡ଼ିଓଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ତହସିଲଦାର ଧୀରଜ ପାତ୍ର, ଥାନା ଏସ୍ଆଇ ବାସନ୍ତୀ ବେହେରା, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା, ବରିଷ୍ଠ ନାଗରିକ ସଂଘ ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ପତିତପାବନ ରାଉତ, ସରପଞ୍ଚ ଚନ୍ଦ୍ରିକା ମଲିକ, କନିଷ୍ଠ ଯନ୍ତ୍ରୀ ଧୀରେନ ସେଠୀ, ହୋଟେଲ ବଣିକ ସଂଘ ଉପସଭାପତି ଦିଲୀପ ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ବେହେରା, ହିଲଭିୟୁ ପାର୍କର ପରିଚାଳକ ଯୁବରାଜ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୨୦ ବଖରା ଜଳିଗଲା

ଆସିକା, ୨୦।୩(ସୁରେନ୍ଦ୍ରନାଥ ସାହୁ): ଗଞ୍ଜାମ ଜିଲା ସୋରଡ଼ା ଥାନା ଗୋଛା ପଞ୍ଚାୟତର ବଡଗୋଛା ଗ୍ରାମ ଦଳିତ ସାହିରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୦ ବଖରା ଘର ଜଳିପୋଡି ପାଉଁଶ ହୋଇଯାଇଛି। ମଧ୍ୟାହ୍ନରେ ସାହିର ଲୋକମାନେ ଘରେ ଥିବା ବେଳେ କୌଣସି ଏକ ଘରୁ ନିଆଁ ଲାଗି ବ୍ୟାପୀ ଯାଇଥିଲା। ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ସୋରଡ଼ା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡରେ ୨୦ଟି ଘରର ବହୁ ଆସବାବପତ୍ର ଗୋଟିଏ କାର ମଧ୍ୟ ପୋଡ଼ି ଯାଇଥିବା ସୂଚନା ମିଳିଛି।

## ବାଲିଗୁଡ଼ାରେ ଘଡ଼ଘଡ଼ି ସହ ବର୍ଷା

ବାଲିଗୁଡା, ୨୦।୩ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଘଡ଼ଘଡ଼ି ସହିତ ବର୍ଷା ହେବା ଫଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହଠାତ୍ ପାଗରେ ପରିବର୍ତ୍ତିତ ହୋଇଥିବା ଯୋଗୁ ପଥିକ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଏହି ବର୍ଷା ଫଳରେ ଗରମରୁ ଲୋକମାନେ ଆଶ୍ୱସ୍ତ ଅନୁଭବ କରିଥିବା ବେଳେ ଚାଷୀମାନେ ମଧ୍ୟ ବେଶ ଖୁସି ଅନୁଭ କରିଥିବା ଦେଖିବାକୁ ମିଳିଥିଲା। ବର୍ଷା ଯୋଗୁ ରାସ୍ତା ଘାଟ ଜନଶୂନ୍ୟ ଦେଖିବାକୁ ମିଳିଥିଲା।

## ପୋଷ୍ଟମ୍ୟାନ ଭାଗ୍ୟଶ୍ରୀଙ୍କୁ କଳିଙ୍ଗ ସେବାରତ୍ନ ପୁରସ୍କାର



ଆସିକା ଡାକ ମଣ୍ଡଳ ପକ୍ଷରୁ ଭାଗ୍ୟଶ୍ରୀ ମାରାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆସିକା, ୨୦।୩(ସୁରେନ୍ଦ୍ର ନାଥ ସାହୁ) ଆସିକା ମୁଖ୍ୟ ଡାକଘରେ କାର୍ଯ୍ୟରତ ପୋଷ୍ଟମ୍ୟାନ ଭାଗ୍ୟଶ୍ରୀ ମାର୍ଣ୍ଡି ରାଜ୍ୟସ୍ତରୀୟ କଳିଙ୍ଗ ସେବାରତ୍ନ ସମ୍ମାନ ପାଇଛନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ୩ୟ ରାଜ୍ୟସ୍ତରୀୟ କଳିଙ୍ଗ ସେବା ରତ୍ନ ଓ ଗୁରୁରତ୍ନ ସମ୍ମାନ ଉତ୍ସବରେ ଡାକସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଲାଗି ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପୂର୍ବତନ ଏମ୍ପି ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭାଗ୍ୟଶ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଶୁକ୍ରବାର ଆସିକା ଡାକ ମଣ୍ଡଳ କାର୍ଯ୍ୟାଳୟରେ ଡାକ ଅଧୀକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିଲୀପ ବେହେରା ଭାଗ୍ୟଶ୍ରୀଙ୍କୁ ଫୁଲତୋଡା ଦେଇ ସମ୍ମାନିତ କରିଥିଲେ। ବେହେରାଙ୍କ ସମେତ ସହକାରୀ ଅଧୀକ୍ଷକ ପରମାନନ୍ଦ କଣ୍ଡ, ଭଞ୍ଜନଗର ଡାକ ଅଧୀକ୍ଷକ କିରଣମାଳା ପଣ୍ଡା, ଡାକ ନିରୀକ୍ଷକ ଶଶୀ ରଞ୍ଜନ, ରଘୁନାଥ ନାୟକ, ହେଡ ପୋଷ୍ଟମାଷ୍ଟର ମହାକାଳ ନାୟକ, କର୍ମଚାରୀ ସଂଘର ଅକ୍ଷୟ ବେହେରା, ରବିନାରାୟଣ ଚୌଧୁରୀ, ସନ୍ତୋଷ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ଉଦ୍‌ଯାପିତ

ପରଳାଖେମୁଣ୍ଡି, ୨୦।୩(ଗିରିଧାରୀ ପରିଚ୍ଛା) ପାରଳାଖେମୁଣ୍ଡିସ୍ଥିତ ସିଦ୍ଧୁଟିଏମ ଅଡିଟୋରିୟମରେ ଚାଲିଥିବା ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସିଦ୍ଧୁଟିଏମର ସ୍କୁଲ ଅଫ ନର୍ସିଂ ଦ୍ୱାରା ହୋଇଥିଲା। ଏଥିରେ ଶ୍ରୀରାମ ଡେଣ୍ଟାଲ କ୍ଲିନିକ୍ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମୁଖ ସ୍ୱାସ୍ଥ୍ୟ ସୁରକ୍ଷା ଓ ପ୍ରତିରୋଧମୂଳକ ଦନ୍ତ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଡିନ ଡିପ୍ଲୋମା ଡା. ପ୍ରଭାତ ରଞ୍ଜନ ଓ ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷା ଡା. ଏସ୍.ଏନ୍. ସନ୍ଧ୍ୟା ଓ ଡିପ୍ଲୋମା ଓ ନର୍ସିଂ ବିଭାଗର ଶିକ୍ଷକମାନେ ଉପସ୍ଥିତ ଥିଲେ। ରିସୋର୍ସପର୍ସନ ଭାବେ ଡା. ସରଥ ସାଲାନା ଯୋଗଦେଇ ମୁଖ ସ୍ୱାସ୍ଥ୍ୟ ଓ ସାଧାରଣ ଦନ୍ତ ରୋଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ୨ ବାଇକ୍ ଧକ୍କାରେ ୩ ଗୁରୁତର ଚାଲିଗଲା ଛାତ୍ରୀଙ୍କ ଜୀବନ

ହିଞ୍ଜିଳିକାଟୁ, ୨୦।୩(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ପିତଳ ଛକରେ ଶୁକ୍ରବାର ବାଇକ୍ ପଛକୁ ଅନ୍ୟ ଏକ୍ ବାଇକ ଧକ୍କା ଦେଇ ମାଡ଼ିଯିବାରୁ ରାସ୍ତା କଡ଼ରେ ଠିଆ ହୋଇଥିବା ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ୨ ବାଇକ୍‌ର ୩ ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତା ଛାତ୍ରୀ ହେଲେ ପିତଳ ଗାଁର ବର୍ଷା ପ୍ରଧାନ (୧୮)। ବାଇକ୍ ଆରୋହୀ କବିସୂର୍ଯ୍ୟନଗର ଥାନା ଗାଗନାପୁର ଗ୍ରାମର ଯୋଗେନ୍ଦ୍ର ପାତ୍ର (୨୮), ଶେରଗଡ ଥାନା କୁରୁଳା ଗ୍ରାମର ଧର୍ମେନ୍ଦ୍ର ବେହେରା (୩୩) ଓ ଖଲ୍ଲିକୋଟ ଥାନା ନାଇକାଣିପଲ୍ଲୀ ଗ୍ରାମର ଶିବାନନ୍ଦ ମହାରଣା (୨୪) ଗୁରୁତର ଆହତ ହୋଇଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି।

ପ୍ରକାଶ ଯେ, ଯୋଗିନ୍ଦ୍ର ଓ ଧର୍ମେନ୍ଦ୍ର ଏକ ବାଇକରେ ଗାଗନାପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ହିଞ୍ଜିଳି ଥାନା ପିତଳ ଛକ ନିକଟରେ ଉଭୟେ ଜଳଖିଆ ଖାଇ ସାରିବା ପରେ ଯିବାକୁ ଗାଡି ଷ୍ଟାର୍ଟ କରୁଥିବା ବେଳେ ପଛରୁ ବାଇକ୍‌ରେ ଆସୁଥିବା ଶିବାନନ୍ଦ କୌଣସି କାରଣରୁ ଭାରସାମ୍ୟ ହରାଇ ସେମାନଙ୍କ ସହ ଧକ୍କା ହୋଇଥିଲେ। ୨ ବାଇକ୍ ଧକ୍କା ହେବାପରେ ଗୋଟିଏ ବାଇକ୍ ରାସ୍ତା ପାର୍ଶ୍ୱରେ ଗାଡିକୁ ଅପେକ୍ଷା କରିଥିବା ଛାତ୍ରୀ ବର୍ଷାଙ୍କୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ଛାତ୍ରୀ ଓ ବାଇକ୍ ଆରୋହୀମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବର୍ଷାଙ୍କ ମୃତ୍ୟୁ ଘଟିଛି। ହିଞ୍ଜିଳି ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ୨ଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ପାରିଶ୍ରମିକ ପାଇଲେନି ଅପରେଟର, ଗ୍ରାମକୁ ଜଳ ଯୋଗାଣ ବନ୍ଦ

### ୨ ବର୍ଷ ବିତିଲାଣି କିଛି ପଦକ୍ଷେପ ନେଉନି ବିଭାଗ

କବିସୂର୍ଯ୍ୟନଗର, ୨୦।୩(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକର ମାଗୁରାପୁଞ୍ଜା ଗ୍ରାମରେ ଦୁଇଶହରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଗ୍ରାମବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରାମ ଆରମ୍ଭରେ ପାଣିଟାଙ୍କି ଥିଲେ ସୁଦ୍ଧା ଗ୍ରାମବାସୀ ଉପକୃତ ହେଉନାହାନ୍ତି। କୁହାଯାଉଛି ଟାଙ୍କି ଅପରେଟର ପାରିଶ୍ରମିକ ନ ମିଳିବାରୁ ଦୁଇବର୍ଷ ହେବ ଗ୍ରାମରେ ପାଣି ଯୋଗାଣ କରୁନାହାନ୍ତି। କବିସୂର୍ଯ୍ୟନଗର ବ୍ଲକ ସୁବୁଲିଆ ପଞ୍ଚାୟତର ମାଗୁରାପୁଞ୍ଜା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଏହି ଗ୍ରାମରେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଣ ପାଇଁ ବସୁଧା ଯୋଜନାରେ ଏକ ବଡ ପାଣିଟାଙ୍କି ନିର୍ମାଣ ହୋଇ ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଲାଗି ପାଇପ ବିଛା ଯାଇ ଟ୍ୟାପ ଲାଗିଥିଲା। କିଛି ଦିନ ଗ୍ରାମବାସୀ ଟ୍ୟାପରୁ ପାଣି ପାଇଥିଲେ। ମାତ୍ର ପାଣିଟାଙ୍କି ଅପରେଟରଙ୍କୁ ପାରିଶ୍ରମିକ ନ ମିଳିବାରୁ ସେ ପାନୀୟ ଜଳ ଯୋଗାଣ ବନ୍ଦ କରି ଦେଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୁଇବର୍ଷ ରୁ ଅଧିକ ଦିନ ହେବ ଗ୍ରାମବାସୀ ଆଉ ଟ୍ୟାପ ପାଣି ପାଉନାହାନ୍ତି। ଏନେଇ ଗୟାମବାସୀ ଖରାଦିନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରୁନାହିଁ। ଏ ନେଇ କବିସୂର୍ଯ୍ୟନଗର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ବହୁଥର ଜଣାଇ କିଛି ସୁଫଳ ପାଇନାହୁଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ତନ୍ମୟ କୁମାର ଦାସଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବାହୁଦାରେ ପ୍ରସ୍ତାବିତ ସବୁଜ ବନ୍ଦର ଉପରେ ସମୀକ୍ଷା

ପାରାଦୀପ, ୨୦।୩(ଶରତ ରାଉତ)



ଗଞ୍ଜାମ ଜିଲାର ବାହୁଦାରେ ୨୧,୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ସବୁଜ ସାଟେଲାଇଟ ବନ୍ଦର ପାଇଁ ଶୁକ୍ରବାର ପାରାଦୀପ ବନ୍ଦର ପକ୍ଷରୁ ଭିତ୍ତିଭୂମି ସର୍ବେକ୍ଷଣ କରାଯାଇଛି। ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ, ଉପାଧ୍ୟକ୍ଷ ଟି. ଭେନୁଗୋପାଳଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟ, ବୈଷୟିକ ଟିମ୍ ଗଞ୍ଜାମ ଜିଲାର ଟିଙ୍କିଟି ଅଞ୍ଚଳ ଗସ୍ତ କରିଥିଲେ। ସେମାନେ ନଦୀ ଓ ତଟରେ ଗ୍ରାଉଣ୍ଡ ଜିରୋ ସର୍ବେକ୍ଷଣ କରିଥିଲେ। ଏଥିସହ ବୈଷୟିକ ଅଧ୍ୟୟନ ଓ ବୈଧାନିକ ମଞ୍ଜୁରୀ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ଆଲୋଚନା କରିଥିଲେ। ଏସମ୍ପର୍କରେ ଅଧ୍ୟକ୍ଷ ହାରାନ୍ଧ କହିଥିଲେ, ଏହା ଓଡ଼ିଶାର ଅନ୍ୟତମ ଐତିହାସିକ ବନ୍ଦର ହେବାକୁ ଯାଉଛି। ସଂରଚିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଆରମ୍ଭ ପାଇଁ ଶୁକ୍ରବାର ଯାଞ୍ଚ କରାଯାଇଛି। ଆଗକୁ ଓଡ଼ିଶାର ବିକାଶ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ ଅବଦାନ ରହିବ ବୋଲି ସେ ପ୍ରକାଶ କରିଥିଲେ।

## କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲେ ପାରଳା ବିଧାୟକ

### ଦୁଇଟି ରେଳ, ମିନି ବିମାନ ବନ୍ଦର ପାଇଁ ଦାବି ଜଣାଇଲେ

ପାରଳାଖେମୁଣ୍ଡି, ୨୦।୩ (ଗିରିଧାରୀ ପରିଚ୍ଛା)

କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କ ପାଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଭେଟିଛନ୍ତି। ଏହି ଅବସରରେ ସେ ଗଜପତିକୁ ଦୁଇଟି ରେଳର ସମ୍ପ୍ରସାରଣ ଏବଂ ଏକ ମିନି ବିମାନ ବନ୍ଦର ସ୍ଥାପନ ପାଇଁ ଦାବି ଜଣାଇଥିଲେ। ରାଜ୍ୟ ରାଣୀ ଏକ୍ସପ୍ରେସ ଟ୍ରେନ ଗୁଣୁପୁରରୁ ରାଉରକେଲା ଯାଉଥିବା ବେଳେ ଓଡ଼ିଶା ସୀମାନ୍ତ ପାଟପାଟନମ ଓ ବିଭିନ୍ନ ସ୍ଥାନରେ ରହଣି ପାଇଁ ଅନୁମୋଦନ ପାଇଛି। ଏହାର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଯୋଗ ଦେଇଥିଲେ। ଏନେଇ ସୂଚନା ପାଇ ବିଧାୟକ ପାଣିଗ୍ରାହୀ ଆନ୍ଧ୍ରର ପୁରୁଣାପାଟଣା ଗସ୍ତ କରି କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଉପରୋକ୍ତ ଦାବି ଜଣାଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ତାଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ଗୁଣୁପୁରଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନକୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସଂପ୍ରସାରଣ କରି ଚଳାଚଳ କରିବା ଓ ଭଦ୍ରକରୁ ଆସି ପଲାସାଠାରେ ରହଣି କରୁଥିବା ଟ୍ରେନକୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ସେ ଦାବି ଜଣାଇଥିଲେ। ଏଥିସହିତ ଅଞ୍ଚଳରେ ଏକ ମିନି ବିମାନ ବନ୍ଦର ସ୍ଥାପନ ପାଇଁ ମଧ୍ୟ ସେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରଥିଲେ। ଗଜପତି ଜିଲାରୁ ପ୍ରତ୍ୟହ ଅନେକ ଲୋକ ଚାକିର, ବ୍ୟବସାୟ ଓ ପାଠପଢ଼ା ପାଇଁ ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ ଏବଂ କଟକ, ଭୁବନେଶ୍ୱର, ଦିଲ୍ଲୀ, ମୁମ୍ବାଇ ଓ କୋଲକତା ସହରକୁ ଯାତାୟାତ କରୁଛନ୍ତି । ଗଜପତି ଜିଲାରେ ଗମନାଗମନ ପାଇଁ ସେଭଳି ଆଖିଦୃଶିଆ ଉନ୍ନୟନ ହୋଇନାହିଁ। ଜିଲା ସହିତ ବିଭିନ୍ନ ଦିଗକୁ ରେଳ ମାର୍ଗ ଓ ବିମାନରେ ଗମନାଗମନର ସୁବିଧା କରିବା ପାଇଁ ବିଧାୟକ ଦାବି ରଖିଥିଲେ। ତେବେ ଦିଲ୍ଲୀ ଫେରିବା ପରେ ରେଳ ବିଭାଗ ଓ ବିମାନ ସେବା ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କେନ୍ଦ୍ରମନ୍ତ୍ରୀ ରାମ ମୋହନ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରର ପୁରୁଣାପାଟଣାରେ ରାଜ୍ୟରାଣୀ ଏକ୍ସପ୍ରେସ ରହଣି କରୁଥିବା ବେଳେ ଗଜପତି ଜିଲାର ହାଡୁଭାଙ୍ଗି ଷ୍ଟେସନରେ ରହଣି ପାଇଁ ଅନୁମତି ମିଳିଥିଲେ ଅଞ୍ଚଳବାସୀ ଉପକୃତ ହୋଇପାରିଥାନ୍ତେ ବୋଲି ବିଧାୟକ ଆଲୋଚନା ବେଳେ କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ପୀତବାସ ପଣ୍ଡା ହତ୍ୟା ମାମଲା, ୫ ଅଭିଯୁକ୍ତଙ୍କ ଜାମିନ ଖାରଜ

ବ୍ରହ୍ମପୁର, ୨୦।୩(ସୁବାସ ଚନ୍ଦ୍ର ପାଢ଼ୀ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଶୁକ୍ରବାର ୫ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ବ୍ରହ୍ମପୁର ଏଡିଜେ –୩ ଖାରଜ କରିଛନ୍ତି। ଅଭିଯୁକ୍ତ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର, ଶିଶୁପାଳ ପାଶ୍ୱାନଙ୍କ ଜାମିନ ଖାରଜ ହୋଇଥିବା ସେମାନଙ୍କ ଓକିଲ ଚକ୍ରପାଣି ନାହାକ କହିଛନ୍ତି। ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗୁରୁବାର ଏମ୍‌କେସିଜି ମେଡିକାଲରୁ ଡିସଚାର୍ଜ ହେବା ପରେ ବ୍ରହ୍ମପୁର ଜେଲ ଫେରିଥିଲେ। ପୀତବାସ ହତ୍ୟା ଘଟଣାରେ ଗିରଫ ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଜାମିନ୍‌ରେ ମୁକୁଳିଥିବା ବେଳେ ଅଭିଯୁକ୍ତ ମଦନ ମେଡିକାଲରେ ଅଛନ୍ତି। ୧୪ଜଣ ଜେଲରେ ଅଛନ୍ତି।

## ୨ ଟ୍ରେଲର ଧକ୍କା, ଡ୍ରାଇଭର ଗୁରୁତର

ଖଲ୍ଲିକୋଟ, ୨୦।୩(ପ୍ରଶାନ୍ତ କୁମାର ମିଶ୍ର) ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ସିଙ୍ଗଡ଼ାପଲ୍ଲୀ ଗ୍ରାମ ନିକଟସ୍ଥ ୧୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ଏକ ଟ୍ରେଲର ପଛକୁ ଅନ୍ୟଏକ ଲୁହା ଛଡ଼ ବୋଝେଇ ଟ୍ରେଲର ଧକ୍କା ଦେଇଛି। ଫଳରେ ଜଣେ ଡ୍ରାଇଭର ଗୁରୁତର ହୋଇଛନ୍ତି। ସେ ଦୁଇ ଘଣ୍ଟା ଧରି ଟ୍ରେଲର କ୍ୟାବିନ ଭିତରେ ଫଶି ରହିଥିଲେ। ହାଇଡ୍ରୋଲିକ୍ କଟର ମେଶିନରେ ଟ୍ରେଲର କାଟି ତାଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଥିଲେ। ଗୁରୁତର ଡ୍ରାଇଭର ଜଣଙ୍କ ବିହାର ଅଞ୍ଚଳର ମୁକେଶ କୁମାର ବୋଲି ଜଣାପଡ଼ିଛି। ଶୁକ୍ରବାର ସକାଳେ ଏକ ଲୁହା ଛଡ଼ ବୋଝେଇ ଟ୍ରେଲର ପଶ୍ଚିମବଙ୍ଗରୁ ବିଶାଖାପାଟଣା ଯାଉଥିବା ବେଳେ ସିଙ୍ଗଡ଼ାପଲ୍ଲୀ ଗ୍ରାମ ନିକଟରେ ଆଗରେ ଥିବା ଅନ୍ୟ ଏକ ଟ୍ରେଲର ଧକ୍କା ଦେଇଥିଲା। ଫଳରେ ଲୁହା ଛଡ ବୋଝେଇ ଟ୍ରେଲର କ୍ୟାବିନଟି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇ ବୋଝେଇ ହୋଇଥିବା ଲୁହା ଛଡ଼ଗୁଡ଼ିକ ଆଗକୁ ଆସି କ୍ୟାବିନ ଭିତରେ ପଶି ଯାଇଥିଲା। ଯାହାଦ୍ୱାରା ଡ୍ରାଇଭର ଜଣଙ୍କ ଗୁରୁତର ଅବସ୍ଥାରେ କ୍ୟାବିନ ଭିତରେ ରହିଯାଇଥିଲେ। ଖବର ପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ହାଇଡ୍ରୋଲିକ୍ କଟର ମେଶିନରେ କ୍ୟାବିନକୁ କାଟି ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିଥିଲେ। ତୁରନ୍ତ ଡ୍ରାଇଭର ମୁକେଶଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଖଲ୍ଲିକୋଟ ପୋଲିସ ପହଞ୍ଚି ଟ୍ରେଲର ୨ଟିକୁ ଜବତ କରି ରାସ୍ତାରୁ ହଟାଇଥିଲା। ସେହିପରି ଆଉ ଏକ ଦୁର୍ଘଟଣାରେ ପୁଡ଼ାପୁର ଗ୍ରାମ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବାରୁ ଡ୍ରାଇଭର ହେଲପର ଉଭୟେ ଆହତ ହୋଇଛନ୍ତି।

## ପିପୁଲ୍ସ କଲେଜରେ ପଖାଳ ଦିବସ

ବୁଗୁଡ଼ା, ୨୦।୩(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ପଖାଳ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟିକ ଅନନ୍ତ କର, ଚିତ୍ରଶିଳ୍ପୀ ସ୍ଥିତଧୀ ରଥ, କବି ଶରତ ଚନ୍ଦ୍ର ଗୌଡ ପ୍ରମୁଖ ଯୋଗ ଦେଇ ଓଡିଶାର ପାରମ୍ପରିକ ଖାଦ୍ୟ ପଖାଳର ବିଶେଷତ୍ୱ ଉଲେଖ ସାଙ୍ଗକୁ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଶ୍ରୀଜଗନ୍ନାଥଙ୍କ ଛପନ ଭୋଗ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ରଖିଥିବା ପଖାଳ ଅତୀତରେ ଗରିବଙ୍କ ଖାଦ୍ୟ କୁହାଯାଉଥିଲା ବେଳେ ଏବେ ପସନ୍ଦ ପାଲଟିଥିବା ନେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଲେଜର ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ପଖାଳ ସାଙ୍ଗକୁ ବିଭିନ୍ନ ବ୍ୟଞ୍ଜନ ପ୍ରଦର୍ଶିତ ହୋଇଥିଲା ବେଳେ ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ।

## ଏଏନ୍ଏମ୍ ନିଲମ୍ବିତ, ମାଟ୍ରନଙ୍କ ସମେତ ୫ ଶିକ୍ଷକଙ୍କ ବଦଳି

- ନବମ ଶ୍ରେଣୀ ଛାତ୍ରୀ ସନ୍ତାନ ଜନ୍ମ ଘଟଣା
- ପ୍ରଧାନଶିକ୍ଷକଙ୍କୁ ବଦଳି ପାଇଁ ସୁପାରିସ୍

ଫୁଲବାଣୀ, ୨୦।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ନେଡିପଦର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ସନ୍ତାନ ଜନ୍ମ ଦେବା ଘଟଣାରେ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଏହି ଘଟଣାରେ କାର୍ଯ୍ୟରେ ଅବହେଳା ପାଇଁ ଏଏନ୍ଏମ୍ ତୃପ୍ତୀମୟୀ ପ୍ରଧାନ ନିଲମ୍ବିତ ହୋଇଛନ୍ତି। ଜଣେ ମାଟ୍ରନଙ୍କ ସମେତ ୫ ଜଣ ସହକାରୀ ସୁପରିଟେଣ୍ଡେଣ୍ଟ ଓ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେହିପରି ପ୍ରଧାନଶିକ୍ଷକଙ୍କୁ ବଦଳି କରାଯିବା ପାଇଁ ସରକାରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସୁପାରିଶ କରାଯାଇଛି। ଏନେଇ ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର କହିଛନ୍ତି ଯେ, ଏହି ଘଟଣା ଅତି ସମ୍ବେଦନଶୀଳ ଥିଲା। ଆମ ଘଟଣାର ତଦନ୍ତ ସବୁ ଦିଗକୁ ନେଇ ଆରମ୍ଭ କରିଥିଲୁ। ଏଏନ୍ଏମ୍ ତୃପ୍ତିମୟୀ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି। ଦୀର୍ଘ ୭ ମାସ ଛାତ୍ରୀ ଜଣକ ହଷ୍ଟେଲରେ ରହିଥିଲେ। ପ୍ରତି ମାସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। କିନ୍ତୁ ସେ କହୁଛନ୍ତି ମୁଁ ଜାଣି ପାରିଲି ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟରେ ଅବହେଳା। ତେଣୁ ତାଙ୍କୁ ନିଲମ୍ବିତ କରାଯାଇଛି। ମାଟ୍ରନ ରଂଜିମା ପ୍ରଧାନଙ୍କୁ ଖଜୁରିପଡ଼ା ବ୍ଲକ ବିଲାବାଡି ଉଚ୍ଚ ବିଦ୍ୟାଳୟକୁ ବଦଳୀ କରାଯାଇଛି । ସେହିପରି ହଷ୍ଟେଲ ଦାୟିତ୍ୱରେ ଥିବା ୫ ଜଣ ସହକାରୀ ସୁପରିଟେଣ୍ଡେଣ୍ଟ ଓ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଆମେ ସରକାରଙ୍କୁ ଚିଠି କରିଛୁ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଗୋଛାପଡ଼ା ଅଞ୍ଚଳର ଜଣେ ଛାତ୍ରୀ ଏହି ବିଦ୍ୟାଳୟର ହଷ୍ଟଲରେ ରହି ପାଠ ପଢୁଥିଲେ। ସେ ଗର୍ଭବତୀ ହେବା ଜଣାପଡ଼ିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଙ୍କ ଘରକୁ ଖବର ଦେଇଥିଲେ। ସେମାନେ ଆସିବାରୁ ଛାତ୍ରୀଙ୍କୁ ଘରକୁ ପଠାଇ ଦେଇଥିଲେ। ହେଲେ ଛାତ୍ରୀ ଜଣକ ୭ ମାସ ଗର୍ଭବତୀ ହୋଇ ରହିବା ବିଷୟରେ ସ୍ୱାସ୍ଥ୍ୟ କର୍ମୀ, ମାଟ୍ରନ କି ବିଦ୍ୟାଳୟ କର୍ତ୍ତୃପକ୍ଷ, କେହି ଜାଣି ପାରିଲେ ନାହିଁ। ଗତ ୧ ତାରିଖ ଦିନ ଛାତ୍ରୀ ଜଣକ ତାଙ୍କ ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ।

## ୨୫ରେ ବ୍ଲକସ୍ତରୀୟ କଳାକାର ସମାବେଶ

ବେଲଗୁଣ୍ଠା, ୨୦।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

କଳା ଓ କଳାକାର ହିତୈଷୀ ମହାମଞ୍ଚ ବେଲଗୁଣ୍ଠା ବ୍ଲକ ବରିଷ୍ଠ କଳାକାର ସଂଘ ପକ୍ଷରୁ ଆସନ୍ତା ୨୫ ତାରିଖରେ କଳାକାର ସମାବେଶ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ସଂଘ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରଞ୍ଜିତ କୁମାର ପାତ୍ର ସ୍ୱାଗତ ଭାଷଣ କ୍ରମରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ୨୫ ତାରିଖରେ ବେଲଗୁଣ୍ଠାଠାରେ କଳାକାର ସମାବେଶ ହେବ। ଉକ୍ତ ଦିନ ସକାଳେ କଳାକାରମାନଙ୍କ ଶୋଭାଯାତ୍ରା ବାହାରି କଳା ଓ କଳାକାରଙ୍କ ହିତ ନିମନ୍ତେ ୯ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଏହାପରେ ନେଟଗାଁ ସ୍ଥିତ ଗୁପ୍ତେଶ୍ୱର ମନ୍ଦିର ପରିସରରେ ସାଂସ୍କୃତିକ ସଭା ହେବ। ଶିବ ରାଉତ, ରାଜେନ୍ଦ୍ର ଗୌଡ଼, ଗନ୍ଦି ସ୍ୱାଇଁ, ନାରାୟଣ ଗୌଡ଼ ପ୍ରମୁଖ କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣକରିଥିଲେ। ଜିଲା ବରିଷ୍ଠ କଳାକାର ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ ଏବଂ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଭିଡିଓ କନଫରେନରେ ଶୁଭେଚ୍ଛା ଜଣାଇବା ସହ କଳାକାରମାନଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ନିମନ୍ତେ ପରାମର୍ଶ ଦେଇଥିଲେ। ଈଶ୍ୱର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ପଖାଳ ଆମ ସଂସ୍କୃତିର ସ୍ପନ୍ଦନ’



ପାରଳାଖେମୁଣ୍ଡି, ୨୦।୩(ଗିରିଧାରୀ ପରିଚ୍ଛା)

ବିଶ୍ୱ ପଖାଳ ଦିବସ ଅବସରରେ ପାରଳାଖେମୁଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ’ପଖାଳ ପରବ’ ଅନୁଷ୍ଠିତ ହୋଇଛି। ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଖାଳ ଆମ ଓଡ଼ିଆ ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଆମ ସଂସ୍କୃତିର ସ୍ପନ୍ଦନବୋଲି କହିଥିଲେ। ଆଜି ଆମର ଏହି ପାରମ୍ପରିକ ଖାଦ୍ୟ ବିଶ୍ୱସ୍ତରରେ ‘ପ୍ରାକୃତିକ ପ୍ରୋ–ବାୟୋଟିକ’ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି, ଯାହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ବୋଲି ବିଧାୟକ ପାଣିଗ୍ରାହୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଅବକାରୀ ଅଧୀକ୍ଷକ ପି.କେ.ସାହୁ, ଉପଜିଲାପାଳ ଅନୁପ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ପାରଳାଖେମୁଣ୍ଡି ସହରର ପ୍ରଗତି ମହିଳା ସଙ୍ଗଠନ ପକ୍ଷରୁ ୟୁଟେକ୍ କମ୍ପ୍ୟୁଟର ଏଜୁକେଶନ ସେଣ୍ଟରରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲା ଖଣି ଅଧିକାରୀ ଦିପେନ ପରିଡ଼ା, ଅନ୍ୟତମ ଅତିଥିଭାବେ ଜିଲା କୋର୍ଟରେ ଭାରପ୍ରାପ୍ତ ପିପି ରାଜେଶ ମିଶ୍ର, ମୁଖବକ୍ତା ଭାବେ ବିନୋଦିନୀ କନିଷ୍ଠ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସେବା ନିବୃତ୍ତ ଜିଲା ସଂସ୍କୃତି ଅଧିକାରୀ ରାମଚନ୍ଦ୍ର ପାଢୀ ଓ ଦିନେଶ ମହାରଣା ଯୋଗ ଦେଇ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳ ସମ୍ପର୍କରେ ଆଲୋଚନା କରିଥିଲେ । ଲୋକନାଥ ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଗତିର ଉପଦେଷ୍ଟା ଚିତ୍ରାନନ୍ଦ ବେବର୍ତ୍ତା ସଂଯୋଜକ ଦାୟିତ୍ୱ ତୁଲାଇଥିଲେ।

# ସୌର ଶକ୍ତିକୁ ଆପଣାଇ ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କଲା ମାଟିଖାଲ

ବ୍ରହ୍ମପୁର,୨୦।୩(ଅଶୋକ କୁମାର ସାହୁ) ସୌର ଶକ୍ତି କ୍ଷେତ୍ରରେ ଗଞ୍ଜାମ ଜିଲାର ମାଟିଖାଲ ଗାଁ ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କରିଛି। ଏ କ୍ଷେତ୍ରରେ ଏକ ଆଦର୍ଶ ଗାଁ ଭାବେ ଉଭା ହୋଇଛି । ପିଏମ ସୂର୍ଯ୍ୟ ଘର ଯୋଜନାରେ ଗାଁ ସମ୍ପୂର୍ଣ୍ଣ ସୌର ଶକ୍ତି ପରିଚାଳିତ ହେଉଛି। ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲଏ ମଡେଲ ଅଧୀନରେ ସମ୍ପୂର୍ଣ୍ଣ ଗାଁ ସୌର ଶକ୍ତି ଦ୍ୱାରା ପରିଚାଳିତ ହେଉଛି । ଟିପିଏସଓଡିଏଲ ତରଫରୁ ଏହା କାର୍ଯ୍ୟକାରୀ ହୋଇଛି । ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତର ଏହି ଗାଁରେ ପ୍ରାୟ ୨୦୦ ପରିବାର ସୋଲାର ସଂଯୋଗ ପାଇଛନ୍ତି । ପ୍ରତି ପରିବାରକୁ ୧ କିଲୋୱାଟ କ୍ଷମତାର ସୋଲାର ସିଷ୍ଟମ ଯୋଗାଇ ଦିଆଯାଇଛି । ଯାହା ସେମାନଙ୍କୁ କେବଳ ବିଜୁଳି ଉପଭୋକ୍ତା ନୁହେଁ ବରଂ ବିଜୁଳି ଉତ୍ପାଦକାରୀ ଭାବେ ସକ୍ଷମ କରାଇବ ।ଏଥିସହିତ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ମାସିକ ବିଦ୍ୟୁତ ଖର୍ଚ୍ଚ ହ୍ରାସ


ଉଦଘାଟନ କାର୍ଯ୍ୟକ୍ରମରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସହ ଜିଲାପାଳ।

କରିବା ଦିଗରେ ଏହା ବିଶେଷ ଭାବରେ ସହାୟକ ହେବ। ଏନେଇ ଜଣେ ଉପଭୋକ୍ତାଙ୍କୁ ମାତ୍ର ୫୬୨୨ ଟଙ୍କା ପୈଠ କରିବାକୁ ପଡ଼ିଥାଏ। ସୌର ପ୍ୟାନେଲରୁ ୨୫ ବର୍ଷ ପର୍ଯ୍ୟନ୍ତ ଭରସାଯୋଗ୍ୟ ବିଜୁଳି ଶକ୍ତିର ସହାୟତା ଉପଭୋକ୍ତାଙ୍କୁ ମିଳିଥାଏ । ଏହି ସଫଳତା ପାଇଁ ଜିଲା ପ୍ରଶାସନ ସମସ୍ତ ଆର୍ଥିକ ସହାୟତା ପ୍ରଦାନ କରିଛି। ଏହି ପ୍ରକଳ୍ପ ଉଦଘାଟନ ସମୟରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲାପାଳ କୀର୍ତ୍ତିଭାସନ, କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ, ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ କହିଛନ୍ତି ଯେ, ପିଏମ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲଏ ମଡେଲ ମାଧ୍ୟମରେ ସରକାର ତୃଣମୂଳ ସ୍ତରରୁ ସ୍ୱଚ୍ଛ ଏବଂ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରୁଛନ୍ତି। ଟିପିଏସଓଡିଏଲ ସହିତ ଉପଯୁକ୍ତ ଯୋଜନା ଏବଂ ସମନ୍ୱୟ ରକ୍ଷା କରିବା ସହିତ ଆମେ ନିଶ୍ଚିତ କରୁଛୁ ଯେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଯେପରି ଏଥିରୁ ଲାଭ ପାଇ ପାରିବେ । ଏଥିପାଇଁ ଆମେ ପ୍ରତି ପଞ୍ଚାୟତରେ ୫୦ ଉପଭୋକ୍ତାଙ୍କୁ ଏହି ଯୋଜନାରେ ସାମିଲ କରିବାର ଲକ୍ଷ୍ୟ ରଖିଛୁ । ସମଗ୍ର ଜିଲ୍ଲାରେ ଏହି ଯୋଜନାର ବିସ୍ତାର କରିବା, ଏସଏଚଜି ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା ଯେପରି ସେମାନେ ମଧ୍ୟ ଏହି ଯୋଜନାର ଲାଭ ପାଇ ପାରିବେ ବୋଲି କହିଥିଲେ। ଗର୍ଗ କହିଥିଲେ ଯେ, ଏହି ଯୋଜନା ଅଧିନରେ ମାଟିଖାଲ ଗାଁକୁ ସୌରୀକରଣ କରାଯାଇଛି । ଗ୍ରାମୀଣ ଶକ୍ତିକୁ ଆତ୍ମନିର୍ଭର କରିବା ଦିଗରେ ଏହା ହେଉଛି ଏକ ବଡ଼ ପଦକ୍ଷେପ । ଜିଲାପାଳ କହିଥିଲେ ଯେ, ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ଯେତେବେଳେ ଦେଶ ସ୍ୱଚ୍ଛ ଶକ୍ତି ଏବଂ ଏକ ସ୍ଥାୟୀ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି ସେତେବେଳେ ଏଭଳି ମଡେଲ ଏ ଦିଗରେ ବିଶେଷ ଭାବରେ ସହାୟକ ହେବ । ସବୁଜ ଶକ୍ତି କ୍ଷେତ୍ରରେ ଉକ୍ତ ଗାଁ ଏବେ ଜାତୀୟ ସ୍ତରରେ ଏକ ମଡେଲ ହୋଇପାରିଛି ।

## ସଂକ୍ଷେପରେ

### ମତ୍ସ୍ୟ ବିଜ୍ଞାନ କଲେଜ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ମାଣ୍ଡିଆପଲ୍ଲୀ ସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟରେ ଏନ ଏସ ଏସ ପକ୍ଷରୁ ସ୍ଥାନୀୟ ବ୍ରଜ ନଗରରେ ୭ ଦିନିଆ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଉଦଘାଟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବ୍ଲକର ଜନ ସ୍ୱାସ୍ଥ୍ୟ ଅଧିକାରୀ ରଥ,ଭଞ୍ଜ ବିହାର ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର କୃଷ୍ଣ ଶରଣ ପାଳ,ଡ଼.ସନ୍ଦୀପ କୁମାର ଗୌଡ଼,ଡ଼.ଅଜିତ କୁମାର ନାୟକ,ଡ଼.ମଧୁସ୍ମିତା ବେହେରା,ଡ଼.ସ୍ମୃତି ସାଗର ନାୟକ,ରଙ୍ଗେଇଲୁଣ୍ଡା ସରପଞ୍ଚ ପ୍ରତିନିଧି ଶରତ ଚନ୍ଦ୍ର ମହାଣ୍ଟୁଡ,ବ୍ରଜ ନଗରର ସଭାପତି ଡମ୍ବୁରୁ ଧର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନିତ୍ୟା ନନ୍ଦ ଦାସ ସଭାପତିତ୍ୱ କରିଥିବା ବେଳେ ଡ଼.ଧରିତ୍ରୀ ଚୌଧୁରୀ ଶିବିରକୁ ପରିଚାଳନା କରିଥିଲେ । ଏହି ଶିବିର ୭ ଦିନ ଧରି ବିଭିନ୍ନ ପ୍ରକାର ସେବା,ରକ୍ତ ଦାନ ଶିବିର,ଯୋଗ ଶିବିର,ଚକ୍ଷୁ ଚିକିତ୍ସା ଶିବିର,ସଫେଇ ଜର୍ଯ୍ୟକ୍ରମ ଆଦି କାର୍ଯ୍ୟକ୍ରମ ରହିଛି । ଏଥିରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ସହଯୋଗ କରିଥିବା ବେଳେ ଛାତ୍ରୀ ହରିଣ ମୟୀ ରଥ ଧନ୍ୟବାଦ ଦେଇଥିଲେ।

### ଅଦରକାରୀ କାଠରେ ଘରଚଟିଆ ବସା


ସତ୍ୟଙ୍କ ନିର୍ମିତ ଘରଚଟିଆ ବସା।

ବ୍ରହ୍ମପୁର,୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ବିଶ ଘର ଚଟିଆ ଦିବସ ପାଳନ ଅବସରରେ କାଠ ରେ ୨ଟି ଘର ଚଟିଆ ଅବିକଳ ଓ କୃତ୍ରିମ ଘର ତିଆରି କରି ସେଥିରେ ଚଟିଆ ମନଙ୍କୁ ବସେଇଛନ୍ତି । ଶୁକ୍ରବାର ଘରଚଟିଆ ଦିବସ ଥିବାରୁ ସେ ଏଭଳି ସଚେତନତାର ବାର୍ତ୍ତା ଦେଇଛନ୍ତି। ଘର ଚଟିଆକୁ ସୁରକ୍ଷା ଦେବା ପୁଣି ଗାଁ ଦାଣ୍ଡ ରେ କିଚିରି ମିଚିରି ଶବ୍ଦ ଶୁଣିବାକୁ ପାଇବା ବୋଲି ସେ କହିଛନ୍ତି।

# ଓଡ଼ିଶା ଦିବସ ପ୍ରସ୍ତୁତି: ସହରର ୪ ଦ୍ୱାରରେ ନିର୍ମାଣ ହେବ ତୋରଣ



କମିଶନର, ଉପଜିଲାପାଳଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୦।୩(ଅଶୋକ କୁମାର ସାହୁ) ଓଡ଼ିଶା ଦିବସକୁ ଚିତ୍ତାକର୍ଷକ କରିବା ପାଇଁ ବିଏମସି ଚଳିତବର୍ଷ ଯୋଜନା କରିଛି। ସେଥିପାଇଁ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଏମସି କମିଶନର ଏ. ଶେସୟା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ଚିତ୍ତାକର୍ଷକ ଭାବେ ପାଳନ କରିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ରେଡ୍ଡୀ ପରାମର୍ଶ ଦେଇଛନ୍ତି । ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରଖି ସାନ୍ଧ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରିବାକୁ ଉପଜିଲାପାଳ ଅବିନାଶ କୁମାର ପରାମର୍ଶ ଦେଇଛନ୍ତି। ଗୋଟିଏ ଯାନରେ ଓଡିଶାର ବରପୁତ୍ର ଓ ମହାପୁରୁଷଙ୍କ ଫଟୋଚିତ୍ରକୁ ଫୁଲଦ୍ୱାରା ସଜାଯାଇ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ପୂର୍ବକ ଶୋଭାଯାତ୍ରା ଅନୁଷ୍ଠିତ ହେବ । ସହରରେ ଥିବା ସମସ୍ତ ବରପୁତ୍ରଙ୍କୁ ରଙ୍ଗାୟିତ କରାଯିବାକୁ ନିଗମ ପକ୍ଷରୁ ବ୍ୟବସ୍ଥା କରାଯିବ । ବିଭିନ୍ନ ଅନୁଷ୍ଠାନକୁ ଆଲୋକମାଳାରେ ସଜାଯିବ। ସହରର ୪ ପ୍ରବେଶ ପଥରେ ସୁନ୍ଦର ତୋରଣ ନିର୍ମାଣ କରିବା ପାଇଁ ମହାନଗର ନିଗମ କମିଶନରଙ୍କୁ ଅନୁରୋଧ କରାଯାଇଛି । ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୨୫ ତାରିଖ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ହେବ। ପ୍ରତି ବିଦ୍ୟାଳୟରୁ ୨ ପ୍ରତିଯୋଗୀ ଭାଗ ନେବେ। ୯ମ, ୧୦ମ, ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ର ଏଥିରେ ସାମିଲ ହେବେ। ଓଡିଆ ପ୍ରବନ୍ଧ ପ୍ରତିଯୋଗିତା ୨୬ ତାରିଖ ହେବ। ପ୍ରତିଯୋଗୀ ୨୩ ତାରିଖ ସୁଦ୍ଧା ଶିକ୍ଷାନୁଷ୍ଠାନମାନେ ସେମାନଙ୍କ ନାମ ବ୍ରହ୍ମପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ପ୍ରଦାନ କରିବେ । ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଆଶୀର୍ବାଦ ପରିଡା, ଡିଆଇପିଆରଓ ସୌରଭ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଉତ୍କଳ ପରିଷଦର ସଭାପତି ପ୍ରମୋଦ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଲିଲା ତାରାତାରିଣୀ ମନ୍ଦିରର ଦାନହୁଣ୍ଡି

## ମିଳିଲା ସୁନା,ରୁପା ଅଳଙ୍କାର ସହ ୭ ଲକ୍ଷ ୮୦ ହଜାର ଟଙ୍କା

ପୁରୁଷୋତ୍ତମପୁର,୨୦।୩ (ସବିତା ମିଶ୍ର)

ଗଞ୍ଜାମ ଜିଲାର ଇଷ୍ଟ ଦେବୀ ମା' ତାରାତାରିଣୀ ମନ୍ଦିର ଦାନ ହୁଣ୍ଡି ଶୁକ୍ରବାର ଖୋଲାଯାଇ ଗଣତି ହୋଇଛି। ହୁଣ୍ଡିରୁ ସୁନା,ରୁପା ଅଳଙ୍କାର ସହ ୭ ଲକ୍ଷ ୮୦ ହଜାର ଟଙ୍କା ମିଳିଛି। ଏହି ସମୟରେ ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା, ଜିଲା ପ୍ରଶାସନ, ପୋଲିସ ଓ ସେବାୟତମାନେ ଉପସ୍ଥିତ ଥିଲେ। ଏହି ସମୟରେ ଚୋରଙ୍କ ଏକ କାରାନାମା ପଦାକୁ ଆସିଛି। ପାହାଡ ତଳେ ଥିବା ସିଂହଦ୍ୱାର ହୁଣ୍ଡି ମଧ୍ୟରୁ ଭକ୍ତଙ୍କ ଦାନ ନୋଟକୁ ଦୁର୍ବୃତ୍ତମାନେ ବାହାର କରିବା ଲାଗି କାଠିରେ ଚୁଇଁଗମ ଲଗାଇ ଦାନହୁଣ୍ଡି


ତହସିଲଦାର, ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ହୁଣ୍ଡି ଖୋଲାଯାଉଛି।

ଭିତରକୁ ପକାଇ ଟଙ୍କା ଲୁଟି ଦେନବାକୁ ଯୋଜନା କରିଥିଲେ। ସେଥିରେ ସେମାନେ ଫେଲ ମାରିଛନ୍ତି। ସେମାନେ ପକାଇଥିବା ଚୁଇଁଗମ୍ ଦାନହୁଣ୍ଡି ମଧ୍ୟରେ ଖସି ରହିଯାଇଥିଲା। ହୁଣ୍ଡି ଗଣତି ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ କେ.ଦେବାଶିଷ ପାତ୍ର, ପୁରୁଷୋତ୍ତମପୁର ଏସ୍‌ଆଇ କିରଣ ବକ୍ସି, ସେବାୟତ ବାପୁଜୀ ରଣା, ପୋଲିସ କର୍ମଚାରୀ ଓ ତହସିଲ କର୍ମକାରୀ ଉପସ୍ଥିତ ଥିଲେ।

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କୁ ମାଲାବାର ଚାରିଟେବଲ ଟ୍ରଷ୍ଟର ବୃତ୍ତି ପ୍ରଦାନ

ବ୍ରହ୍ମପୁର, ୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମାମଲାବାର ଚାରିଯେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ସମାରୋହରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଲବ୍ଧ ଅର୍ଥରାଶୀ ଶିକ୍ଷା ନିମନ୍ତେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକ ଟ୍ରଷ୍ଟର ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ୪୦୦ ଆବେଦନକାରୀଙ୍କ ମଧ୍ୟରୁ ୧୬୪ ଛାତ୍ରୀଙ୍କୁ ପରୀକ୍ଷାଫଳ ଆଧାରରେ ଯଥାକ୍ରମେ ୧୦ ହଜାର, ୮୦୦୦ ଓ ୬ ହଜାର ଟଙ୍କା ବୃତ୍ତି ଆକାରରେ ମୋଟ ୧୨.୬୬ ଲକ୍ଷ୍ୟ ଟଙ୍କା ଦିଆଯାଇଥିଲା। ମାଲାପାର ଗ୍ରୁପର ରିଲେସନସିପ ମ୍ୟାନଜର ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ସୋ ରୁମ୍ ମ୍ୟାନେଜର ୟୁ.ଶ୍ରୀନିବାସ ପାତ୍ର ଉପସ୍ଥିତ ରହି କମ୍ପାନୀର ମହତ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଡ. ଗୌତମ ସାବତ ଧନ୍ୟବାଦ ଦେଇଥିଲେ। ଏଥିରେ ଅଧାପିକା ଅଧାପକ ଉପସ୍ଥିତ ଥିଲେ।

# ବ୍ରହ୍ମପୁରଠାରୁ ପୁରୀ ଫାଷ୍ଟ ପାସେଞ୍ଜର ଚଳାଚଳ ଦାବି

ବ୍ରହ୍ମପୁର,୨୦।୩(ଅଶୋକ କୁମାର ସାହୁ)

ସ୍ୱେଚ୍ଛାସେବୀ ସଂଗଠନ ସଂସ୍କାରବାଦୀର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣଙ୍କ ନେତୃତ୍ୱରେ ସହରର ବୁଦ୍ଧିଜୀବୀ ସମେତ ସଂସ୍କାରବାଦୀର ପ୍ରାୟ ୫୦ ସଦସ୍ୟ ବ୍ରହ୍ମପୁର ରେଳ ଷ୍ଟେସନ ଠାରେ ସମାବେଶ ହୋଇଥିଲେ। ବ୍ରହ୍ମପୁର ଠାରୁ ପୁରୀ ସିଧାସଳଖ ଫାଷ୍ଟ ପାସେଞ୍ଜର ଚଳାଚଳ ଓ ଷ୍ଟେସନ ସମ୍ମୁଖ ଯାନବାହାନ ଷ୍ଟାଣ୍ଡରେ ନିର୍ଦ୍ଧାରିତ ଭଡା ଠାରୁ ଅଧିକ ଅର୍ଥ ସଂଗ୍ରହକୁ ବନ୍ଦ ଦାବି କରିଥିଲେ। ଏନେଇ ଷ୍ଟେସନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ଜରିଆରେ ଖୋର୍ଦ୍ଧାସ୍ଥିତ ଡ଼ି. ଆର. ଏମ. ଙ୍କୁ ଦାବିପତ୍ର ପଠାଇଥିଲେ। ଏହି ସମାବେଶରେ ସଂସ୍କାରବାଦୀର ପଙ୍କଜ କୁମାର ନାୟକ, ଭଗବାନ ସାହୁ, ବିଜୟ କୁମାର ପଟନାୟକ, ରାଜେନ୍ଦ୍ର କୁମାର ମହାନ୍ତି, ଅଶୋକ କୁମାର ଦଳାଇ, କିଶୋର ଚନ୍ଦ୍ର ସାହୁ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପଦଯାତ୍ରା କରିଥିଲେ। ସଭାପତି ମହାରଣା କହିଲେ ଯେ, ୨୦୧୬ରୁ ବ୍ରହ୍ମପୁର -ପୁରୀ ସିଧାସଳଖ ଫାଷ୍ଟ ପାସେଞ୍ଜର ଟ୍ରେନ ଚଳାଚଳ ପାଇଁ ଦାବି ହୋଇ ଆସୁଛି।

# ତାମ୍ପରାରେ ଗଞ୍ଜାମ ଜିଲାସ୍ତରୀୟ ପଖାଳ ପରବ

ଛତ୍ରପୁର,୨୦।୩(ଦିଲୀପ ସାମଲ): ଓଡ଼ିଆଙ୍କର ପ୍ରିୟ ପଖାଳ। ଓଡ଼ିଶାର ଏହି ପାରମ୍ପରିକ ଖାଦ୍ୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ସହ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ସୁଦୃଢ଼ କରିବା ନିମନ୍ତେ ପଖାଳ ଦିବସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ପଖାଳ ପରବ ପାଳନ କରାଯାଇଛି । ଏହିକ୍ରମରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ତାମ୍ପରା ହ୍ରଦଠାରେ ଜିଲାସ୍ତରୀୟ ପଖାଳ ପରବ ପାଳିତ ହୋଇଛି । ଗଞ୍ଜାମ ଅତିରିକ୍ତ ଜିଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଓ ଅତିରିକ୍ତ ଜିଲାପାଳ ( ରାଜସ୍ୱ) ଦେବଦତ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ପଖାଳ କେବଳ ଏକ ସ୍ୱାଦିଷ୍ଟ ଖାଦ୍ୟ ନୁହେଁ, ଏହା ଆମ ମାଟିର ବାସ୍ନା, ଆମ ପରମ୍ପରାର ଗୌରବ ଏବଂ ଓଡ଼ିଆ ଜୀବନଶୈଳୀର ଅଭିନ୍ନ ଅଙ୍ଗ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଅରୁଣ କୁମାର ଖଣ୍ଡା ଓ ସୁଶାନ୍ତ କୁମାର ସାମନ୍ତଙ୍କ ସହ ଗଣମାଧ୍ୟମ ପ୍ରତିନିଧି, ସରକାରୀ କର୍ମଚାରୀ ଓ ବୃଦ୍ଧିଜୀବୀମାନେ ସାମିଲ ହୋଇ ପଖାଳ ଖାଇ ଏହାର ମଜା ନେଇଥିଲେ।

# ବିଶ୍ୱବିଦ୍ୟାଳୟରେ ପଖାଳ ଦିବସ


ବିଶ୍ୱବିଦ୍ୟାଳୟ କର୍ମଚାରୀ ପଖାଳ ଖାଉଛନ୍ତି।

ବ୍ରହ୍ମପୁର,୨୦।୩( ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ପଖାଳ ଦିବସ ପାଳିତ ହୋଇଛି। ଏହି ଅବସରରେ ଭଞ୍ଜ ଆହାର କେନ୍ଦ୍ର ଠାରେ ଯୁଗ୍ମ କୁଳସଚିବ ଡ଼.ବାବୁଜୀ ସାମଲ,ସହ କୁଳସଚିବ ଡ଼.ସରୋଜ କୁମାର ଦାଶ,ଡ଼.ମିହିର କୁମାର ତ୍ରିପାଠୀଙ୍କ ସମେତ ଅନ୍ୟମାନେ ପରମ୍ପରାକୁ ନେଇ ପଖାଳ ସହ ଆମ୍ବ ଚଟଣି,ବୋଇତାଳୁ ଫୁଲ ଭଜା, ଚୁଇଁ ଭଜା,ଆଳୁ ଭର୍ତ୍ତା,ବଡି ଚୁରା ଆଦି ଖାଉଥିବା ଦେଖିବାକୁ ମିଳିଛି।

# ଗଞ୍ଜାମ ଜିଲା ମହିଳା ଓ ପୁରୁଷ ବକ୍ସିଂ ଦଳ ଚୟନ

ବ୍ରହ୍ମପୁର, ୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲା କ୍ରୀଡା ସଂସଦ ଆନୁକୁଲ୍ୟରେ ମହାତ୍ମାଗାନ୍ଧୀ ଷ୍ଟାଡିୟମ ବକ୍ସିଂ ଏରିନାରେ ଗଞ୍ଜାମ ଜିଲା ବକ୍ସିଂ ଦଳ ଗଠିତ ହୋଇଛି। ୧୭ ବର୍ଷରୁ କମ ବାଳକ ଓ ବାଳିକା ଏବଂ ୧୯ ବର୍ଷରୁ କମ ମହିଳା ଓ ପୁରୁଷ ଦଳ ଚୟନରେ ବିଭିନ୍ନ ବିଭାଗର ମହିଳା ୨୦ ଏବଂ ପୁରୁଷ ୬୨ ମୋଟ ୮୨ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ୧୨ ଜଣ ମହିଳା ଓ ୨୩ ଜଣ ବାଳକ ମୋଟ ୩୫ ଜଣ ବକ୍ସରଙ୍କୁ ଚୟନ କରାଯାଇଛି। ଅନ୍ତର୍ଜାତୀୟ ବକ୍ସିଂ ରେଫରୀ/ଜଜ ତଥା ସ୍ଥାନୀୟ ପ୍ରଶିକ୍ଷକ ଶିଶିର କୁମାର ପାଣିଗ୍ରାହୀ, ଗଞ୍ଜାମ ଜିଲା ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ରାଜ୍ୟ ବକ୍ସିଂ ରେଫରୀ ଜଜ ତଥା କୋଚ ଶିବରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ଅବସର ପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ଅକ୍ଷୟ ପଟ୍ଟନାୟକ,ମମହତ୍ମା ଗାନ୍ଧୀ ଷ୍ଟାଡିୟମ ଇନ ଚାର୍ଜ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଷ୍ଟାଡିୟମ ହଷ୍ଟେଲ ଇନଚାର୍ଜ ସଞ୍ଜୀବ କୁମାର ସାହୁ, ବାସ୍କେଟ ବଲ କୋଚ କାଜଲ ସାହୁ, ଭାରୋତ୍ତୋଳନ କୋଚ ସୀତା ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବକ୍ସିଂ ରେଫରୀ ତଥା ଜଜ ବୁଲୁ ପାତ୍ର, ବାବୁ ରାଉତ, ସୁମନ ଦାସ, ଅବିନାଶ ନାୟକ, ସୁନା ଗୌଡ଼, ଅଜିତ ମୁଖୀ, ବିପିନ ଗୌଡ଼, ସଞ୍ଜୟ ସେଠୀ, ଏସ. ସାଇ ପ୍ରତାପ, ପ୍ରବୀଣ ସେଠୀ, ସଂଗ୍ରାମ ସାମଲ, ଶ୍ୟାମା ମୁଖୀ, ଏସ. ସାଇ କିରନ ତଥା ଗଞ୍ଜାମ ଜିଲାର ବହୁ ସିନିୟର ବକ୍ସର ଏବଂ ଷ୍ଟାଡିୟମର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା କେ. ପ୍ରଭାକର ରାଓ ସୂଚନା ଦେଇଛନ୍ତି।

# ଶିଶୁ ସୁରକ୍ଷା ସଚେତନତା କର୍ମଶାଳା

ବ୍ରହ୍ମପୁର,୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲା ଶିଶୁ ସୁରକ୍ଷା କାର୍ଯାଳୟ ପକ୍ଷରୁ ବ୍ରହ୍ମପୁର ରାଜସ୍ୱ ବଙ୍ଗଳା ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ସଚେତନତା କର୍ମଶାଳା ଶିଶୁ ସୁରକ୍ଷା ଅଧୀକାରିଣୀ ରାଜଶ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ଶିଶୁ ମାନଙ୍କ ସୁରକ୍ଷା ପାଇଁ ଥିବା ଆଇନ ଯାଥା ଯୌନ ଶୋଷଣରୁ ରକ୍ଷା ଆଇନ-୨୦୧୨ର ସମସ୍ତ ଦିଗ ବିଷୟରେ ଆଲୋକପାତ କରିଥିଲେ। ସେହିପରି ପୂର୍ବତନ ଶିଶୁ କଲ୍ୟାଣ କମିଟିର ସଦସ୍ୟ ହରିହର ପାଢୀ କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଅଧିନିୟମ ୨୦୧୫ରେ ଅନ୍ତର୍ଗତ ଶିଶୁ ର ସଂଜ୍ଞା, ଶିଶୁ ଅଧିକାର, ଶିଶୁ କଲ୍ୟାଣ ସମିତି ର କାର୍ଯ୍ୟ, କିଶୋର ନ୍ୟାୟ ବୋର୍ଡ, ଶିଶୁ ମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ନିରୋଧ ଆଇନ-୨୦୦୬ ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ଆଲୋଚନା କରିଥିଲେ। ଜିଲାର କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟ ଓ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଆବାସିକ ବିଦ୍ୟାଳୟର ପ୍ରାୟ ୫୦ ଜଣ ପରିଚାଳିକା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସୁଜିତ କୁମାର ସାହୁ, ସୁଦାମ ପାଣିଗ୍ରାହୀ, ସମରେନ୍ଦ୍ର ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।













